### ସମବାୟ ବିଭାଗର ଖାମଖିଆଲି ନୀତି

# ୫ହଜାର ପଞ୍ଜୀକୃତ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବେ

ବ୍ରହ୍ମପୁର,୬ ।୩(ସମିସ)

ଗଞ୍ଜାମ ଜିଲ୍ଲାରେ ଧାନ କିଣା ପ୍ରକ୍ରିୟା ଜାରି ରହିଛି। ଆସନ୍ତା ସପ୍ତାହେ ଦୁଇ ସପ୍ତାହ ମଧ୍ୟରେ ଏହା ସରିବା ଆଶା କରାଯାଉଛି। କିନ୍ତୁ ଇତିମଧ୍ୟରେ ପଞ୍ଜୀକୃତ କରିଥିବା ଚାଷୀଙ୍କ ମଧ୍ୟରୁ ୫ହଜାରରୁ ଉର୍ଦ୍ଧ୍ୱ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବେ ବୋଲି ଋଷିକୁଲ୍ୟା ରୟତ ମହାସଭା ପକ୍ଷରୁ ପ୍ରେସ୍ ବିବୃତ୍ତିରେ କୁହାଯାଇଛି। ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହକ କହିଛନ୍ତି ଯେ, ଚଳିତବର୍ଷ ଗଞ୍ଜାମ ଜିଲ୍ଲାରେ ୧ଲକ୍ଷ ୫୬ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି। ୧ଲକ୍ଷ ୪୭ହଜାର ଚାଷୀଙ୍କ ଧାନ କିଣାଯାଇଛି। ୧ଲକ୍ଷ ୪୭ହଜାର ଚାଷୀଙ୍କ ଠାରୁ ମାତ୍ର ୫୪ଲକ୍ଷ କ୍ୱିଣ୍ଟାଲ ଧାନ କିଣାଯାଇଥିବା ବେଳେ ଗତବର୍ଷ ୧ଲକ୍ଷ ୨୯ହଜାର ଚାଷୀଙ୍କ ଠାରୁ ୫୮ଲକ୍ଷ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ଗତବର୍ଷ ଚାଷୀମାନେ ଯେଉଁ ଜମିର ପଞ୍ଜୀକରଣ କରି ଯେତିକି ପରିମାଣ ଧାନ ବିକିବାକୁ ଟୋକନ୍ ଆସିଥିଲା ଚଳିତବର୍ଷ ସେହି ଜମିକୁ ପଞ୍ଜୀକରଣ କରି ସୁଦ୍ଧା ଅଧିକାଂଶ ଚାଷୀଙ୍କ ୧୦ରୁ ୨୦କ୍ୱିଣ୍ଟାଲ ପର୍ଯ୍ୟନ୍ତ କମ୍ ପରିମାଣ ଟୋକନ୍ ଆସିଛି। ଫଳରେ ସମ୍ପୃକ୍ତ ଚାଷୀମାନେ ବାଧ୍ୟ ହୋଇ ବେପାରୀଙ୍କୁ ଅଧା ଦରରେ ବିକି କ୍ଷତି ସହୁଛନ୍ତି।

ଜିଲ୍ଲା ପ୍ରଶାସନ ଏବଂ ସମବାୟ ଅଧିକାରୀ ଏ ବିଷୟରେ କିଛି କରିପାରିବୁ ନାହିଁ ବୋଲି କହି ହାତ ଟେକି ଦେଉଛନ୍ତି। ଚଳିତବର୍ଷ ପ୍ରାୟ ୫ହଜାର ଚାଷୀ ପଞ୍ଜୀକରଣ କରି ସୁଦ୍ଧା ତାଙ୍କର ଟୋକନ ଆସୁ ନଥିବାରୁ ସେମାନେ ଧାନ ବିକିବାକୁ ଅନାଇ ବସିଛନ୍ତି। ଯୋଗାଣ ଓ ସମବାୟ ଅଫିସ୍ ଧାଇଁ ଧାଇଁ ଖର୍ଚ୍ଚାନ୍ତ ହୋଇ ହଇରାଣ ହେଉଛନ୍ତି। ଗରିବ ଚାଷୀଙ୍କ ଦୁଃଖ ବୁଝିବାକୁ କେହି ନାହାଁନ୍ତି। ଚଳିତବର୍ଷ ଧାନ ଜୁନ୍ ମାସରେ ରୁଆ ହେଲା। ତା' ପରେ ଚାଷୀମାନେ ପଞ୍ଜୀକରଣ କଲେ। ସେପ୍ଟେମ୍ବରରେ ରାଜସ୍ୱ ଅଧିକାରୀ ଏବଂ କୃଷି ଗ୍ରାମ ସେବକ ମିଶି ତଦନ୍ତ କରି ସେହି ଜମିରେ ଧାନ ରୁଆ ହୋଇଛି ବୋଲି ରିପୋର୍ଟ ଦେଇଛନ୍ତି। ସେହି ଚାଷୀଙ୍କ ପଞ୍ଜୀକରଣ କଟିଲା କେମିତି, କିଏ କାଟିଲା ବୋଲି ଚାଷୀମାନେ ପ୍ରଶ୍ନ କରୁଛନ୍ତି।

ସାଟେଲାଇଟ୍ ସର୍ଭେରେ କଟିଲା ବୋଲି ସମବାୟ ଅଧିକାରୀ କହୁଛନ୍ତି। ମାତ୍ର ପ୍ରକୃତ ଧାନ ଚାଷ କରିଥିବା ଜମି ଗୁଡ଼ିକ ସମବାୟ ଅଧିକାରୀମାନେ ଜାଣିଶୁଣି କମ୍ ଟାର୍ଗେଟ୍ ଆସିବ ବୋଲି କାଟି ଦେଇଥିବା ଶ୍ରୀ ନାହାକ ଅଭିଯୋଗ କରିଛନ୍ତି। ଅରପରପକ୍ଷେ ଆସନ୍ତା ସପ୍ତାହରେ ଧାନ କିଣା ସରିଯିବ ବୋଲି ଜିଲ୍ଲା ଯୋଗାଣ ଅଧିକାରୀ କହୁଛନ୍ତି। ଦୁଃଖର ବିଷୟ ଋଷିକୁଲ୍ୟା ରୟତ ମହାସଭା ତରଫରୁ ଜିଲ୍ଲା ପ୍ରଶାସନ ଏବଂ ସମବାୟ ଅଧିକାରୀଙ୍କୁ ଏହି ସଂପର୍କରେ ଲିଖିତ ଭାବେ ବାରମ୍ବାର ଜଣାଇଲେ ସୁଦ୍ଧା ଟୋକନ୍ ବାଦ ପଡ଼ିଥିବା ଚାଷୀଙ୍କ କିପରି ଟୋକନ୍ ଆସିବ, ସେଥିପାଇଁ ସମବାୟ ଅଧିକାରୀ ସରକାରଙ୍କୁ ଚିଠି ନ ଲେଖି ନୀରବ ରହିଛନ୍ତି। ଜିଲ୍ଲା କୃଷି ବିଭାଗ ତଥ୍ୟ ଅନୁଯାୟୀ ଏକର ପିଛା ୩୦କ୍ୱିଣ୍ଟାଲ ଧାନ ଅମଳ ହୋଇଛି। ସେଥିରୁ ମାତ୍ର ୪୦ଭାଗ ଧାନ କିଣାଯାଉଛି, ପୁଣି ଜମି ତୁଳନାରେ କମ୍ ପରିମାଣ ଆସୁଛି। ଜଣେ ମଧ୍ୟ ଯୋଗ୍ୟ ଚାଷୀ ଧାନ ବିକାରୁ ବଞ୍ଚିତ ହେବେ ନାହିଁ ବୋଲି ସରକାର କହୁଛନ୍ତି। କିନ୍ତୁ ଏହା ବାସ୍ତବରେ କାର୍ଯ୍ୟକାରୀ କରାଯାଉନି। ଏଣୁ ପ୍ରକୃତ ଚାଷୀଙ୍କ ଧାନ କିଣା ନ ଗଲେ ଚାଷୀ ସୁରକ୍ଷା ଅଭିଯାନର ଆବାହକ ରବି ରଥ ଓ ଋଷିକୂଲ୍ୟା ରୟତ ମହାସଭା ସଂପାଦକ ସିମାଞ୍ଚଳ ନାହାକ ମହାସଭା ତରଫରୁ ଆନ୍ଦୋଳନ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ନାବାଳିକା ଦୁଷ୍କର୍ମକାରୀକୁ ୧୦ ବର୍ଷ ଜେଲ୍

ବ୍ରହ୍ମପୁର,୬।୩(ସମିସ): ୨୦୨୧ରେ ଘଟିଥିବା ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାରଣ କରି ବ୍ରହ୍ମପୁର ସ୍ଥିତ ଫାଷ୍ଟଟ୍ରାକ ପୋକ୍‌ସୋ ଅଦାଲତ ଜଜ ରୋହିତଲାଲ ପଣ୍ଡା ଜଣେ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ହେଲେ ଖଲ୍ଲିକୋଟ ଥାନା ଅଞ୍ଚଳର ରାଜେଶ ବେହେରା। ଜେଲ୍ ଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଦେବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୮ ମାସ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ପୀଡ଼ିତା ନାବାଳିକାଙ୍କୁ ୨ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଛି। ୨୦୨୧ରେ ଅଭିଯୁକ୍ତ ଜଣଙ୍କ ଖଲ୍ଲିକୋଟ ଅଞ୍ଚଳର ପୀଡ଼ିତା ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଖଲ୍ଲିକୋଟ ଥାନାରେ ନଂ.୧୭୯/୨୧ରେ ଏକ ମାମଲା ରୁଜୁ ହୋଇଥିଲା। ପୁଲିସ ଅଭିଯୁକ୍ତ ରାଜେଶଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାରଣ ବେଳେ ତଦନ୍ତ ଅଧିକାରୀ ଚାର୍ଜସିଟ ଦାଖଲ କରିଥିଲେ। ଉପଯୁକ୍ତ ସାକ୍ଷ୍ୟପ୍ରମାଣକୁ ଭିତ୍ତି କରି ବିଚାରପତି ଆଜି ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଡ. ଶିବପ୍ରସାଦ ମିଶ୍ର ମୋକଦ୍ଦମା ପରିଚାଳନା କରିଥିଲେ।

## ଗିରଫ କୋଟିପତି ଖଣି ଅଧିକାରୀଙ୍କ ଘରେ ଭିଜିଲାନ୍ସ ବିଭାଗର ଛାନଭିନ୍

ଫୁଲବାଣୀ,୬।୩(ସମିସ): କଟକ ସର୍କଲର ଖଣି ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତିଙ୍କୁ କିଛିଦିନ ତଳେ ଲାଞ୍ଚ ନେବାବେଳେ ଭିଜିଲାନ୍ସ ଗିରଫ କରିଥିଲା। ଶୁକ୍ରବାର ଭିଜିଲାନ୍ସ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଦେବବ୍ରତଙ୍କ ଫୁଲବାଣୀ ନାରାୟଣୀ ସାହିସ୍ଥିତ ଭଡ଼ାଘରେ ଚଢ଼ଉ କରି ନଗଦ ଟଙ୍କା ସହ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛି।

ସୂଚନାଯୋଗ୍ୟ, ଶ୍ରୀ ମହାନ୍ତି ଏପ୍ରିଲ ୨୦୨୨ରୁ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଫୁଲବାଣୀରେ କାର୍ଯ୍ୟରତ ଥିଲେ। ପ୍ରଥମେ ଜିଲ୍ଲା ଖଣି ଅଧିକାରୀ ଏବଂ ପରେ କନ୍ଧମାଳ, ବୌଦ୍ଧ ଓ ନୟାଗଡ଼ ଜିଲ୍ଲାକୁ ନେଇ ଗଠିତ ଫୁଲବାଣୀ ଖଣି ସର୍କଲର ଉପ ନିର୍ଦ୍ଦେଶକ ରହିଥିଲେ। ଗତ ୨୪ ତାରିଖ ରାତିରେ ଜଣେ ବ୍ୟବସାୟୀଙ୍କଠାରୁ ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ବିଭାଗ ତାଙ୍କୁ ଧରିଥିଲା। ପରେ ଚଢ଼ଉ ବେଳେ ତାଙ୍କଠାରୁ ନଗଦ ୪,୧୮,୧୧୧,୭୦୦ ନଗଦ ଟଙ୍କା ସହିତ ୩୦୫.୪୦ ଗ୍ରାମ ସୁନା ଏବଂ ୬୦୦ ଗ୍ରାମ ରୁପା ଅଳଙ୍କାର ଜବତ ହୋଇଛି। ଭୁବନେଶ୍ୱରର ପାହାଳ ନିକଟରେ ୨୪୦୦ ବର୍ଗଫୁଟର ଏକ ଦୁଇ ମହଲା ଘର ମଧ୍ୟ ଚିହ୍ନଟ କରାଯାଇଛି। ଅଧିକ ତଦନ୍ତ ପାଇଁ ଭିଜିଲାନ୍ସ ବିଭାଗ ପକ୍ଷରୁ ଅଦାଲତକୁ ୫ ଦିନ ରିମାଣ୍ଡ ମଗାଯାଇଥିଲା। କିନ୍ତୁ ଅଦାଲତ ୩ ଦିନ ପାଇଁ ରିମାଣ୍ଡ ମଞ୍ଜୁର କରିଛନ୍ତି। ଫୁଲବାଣୀ ଠାରେ ଚାକିରୀ କରିବା ବେଳେ ସେ ସ୍ଥାନୀୟ ନାରାୟଣୀ ସାହିରେ ରହୁଥିବା ଭଡ଼ାଘରେ ଆଜି ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି। ଭୁବନେଶ୍ୱର ଭିଜିଲାନ୍ସ ବିଭାଗର ଏକ ୮ ଜଣିଆ ଟିମ୍ ସହିତ ଫୁଲବାଣୀ ଭିଜିଲାନ୍ସ କାର୍ଯ୍ୟାଳୟ ଅଧିକାରୀ ମିଳିତ ଭାବେ ଛାନବିନ କରିଛନ୍ତି। ଚଢ଼ଉର ଫଳାଫଳ ସମ୍ପର୍କରେ ସବିଶେଷ ସୂଚନା ମିଳି ନ ଥିଲେ ମଧ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଜବତ ହୋଇଥିବା ଜଣାପଡିଛି।

## ମନ୍ଦିର ପ୍ରତିଷ୍ଠାରେ ଯୋଗଦେଲେ ପୂର୍ବତନ ବିଧାୟିକା



ସାନଖେମୁଣ୍ଡି,୬ ।୩(ସମିସ): ସାନଖେମୁଣ୍ଡି ବ୍ଲକ ଡେଙ୍ଗାଡି ପଞ୍ଚାୟତ ଲେଙ୍କାଖାଲି ଗ୍ରାମରେ ନୂତନ ଭାବେ ନିର୍ମାଣ ହୋଇଥିବା ଗ୍ରାମଦେବୀଙ୍କ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟରେ ଯୋଗ ଦେଲେ କବିସୂର୍ଯ୍ୟନଗର ପୂର୍ବତନ ବିଧାୟିକା ଲତିକା ପ୍ରଧାନ। ଗତ ରବିବାର ଠାରୁ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ ହେଇଥିବା ବେଳେ ଦୀକ୍ଷା ଗ୍ରହଣ, ଜଳଯାତ୍ରା, ଅଙ୍କୁରାରୋପଣ, ଜଳାସାଧିବାସ, ନାମାଧିବାସ ଆଦି କାର୍ଯ୍ୟକ୍ରମ ପୂର୍ବକ ନାମଯଜ୍ଞ, ଘୃତଯଜ୍ଞ ଓ ଅନ୍ନଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ଶ୍ରୀମତୀ ପ୍ରଧାନ ଯୋଗ ଦେଇଥିବା ବେଳେ ଡେଙ୍ଗାଡି ସରପଞ୍ଚ ଶିବରାମ ସ୍ୱାଇଁ, ପ୍ରାକ୍ତନ ସିପିଆଇ ନେତା ଟୁକୁନା ପାତ୍ର, ରାଜ୍ୟ ବିଜୁ ଛାତ୍ର ଜନତା ଦଳ ସାଧାରଣ ସମ୍ପାଦକ ସୁନିଲ ଗୌଡ଼, ଗଞ୍ଜାମ ଜିଲ୍ଲା ଛାତ୍ର ସମ୍ପାଦକ ଧିରେନ ରଣା ଉପସ୍ଥିତ ଥିବା ବେଳେ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଉତ୍କଳ ବାଳାଶ୍ରମରୁ ପୁଣି ୨ ନାବାଳିକା ଫେରାର

**ଭିକ୍ଷାବୃତ୍ତି ବେଳେ ଧରାପଡ଼ିଥିଲେ, ଅଭିଭାବକ ଜେଲ୍‌ରେ**

ବ୍ରହ୍ମପୁର,୬।୩(ସମିସ): ବ୍ରହ୍ମପୁର ଗୋସାଇଁନୂଆଗାଁ ଠାରେ ଥିବା ଉତ୍କଳ ବାଳାଶ୍ରମରୁ ୨ ଜଣ ନାବାଳିକ ଫେରାର ହୋଇ ଯାଇଛନ୍ତି। ବାଳାଶ୍ରମକୁ ଆସିବାର ଗୋଟିଏ ଦିନରେ କାନ୍ଥ ଡେଇଁ ଏହି ୨ ଜଣ ପଳାଇଛନ୍ତି। ଜଣେ ନାବାଳିକାର ବୟସ ୧୨ ବର୍ଷ ହୋଇଥିବା ବେଳେ ଆଉ ଜଣଙ୍କ ବୟସ ଜଣାପଡ଼ିନାହିଁ। ସେମାନଙ୍କ ଅଭିଭାବକ ଗିରଫ ହୋଇ ଜେଲରେ ରହିଛନ୍ତି। ଏଭଳି ସ୍ଥିତିରେ ୨ ନାବାଳିକା କେଉଁଆଡେ ଗଲେ ତାକୁ ନେଇ ପ୍ରଶ୍ନ ଉଠିଛି। ସେହିପରି ସରକାରଙ୍କ ଦ୍ୱାରା ପରିଚାଳିତ ଏହି ବାଳାଶ୍ରମରୁ ବାରମ୍ବାର ଅନ୍ତେବାସୀ ଫେରାର ହେବା ଘଟଣା ପୁଣିଥରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଛିଡ଼ା କରିଛି। ୨୪ ଘଣ୍ଟିଆ ସୁରକ୍ଷାକର୍ମୀ, ସିସିଟିଭି ସତ୍ତ୍ୱେ ବାରମ୍ବାର ଏଭଳି ଘଟଣା ଘଟୁଛି। ଯାହା ବାଳାଶ୍ରମର ପରିଚାଳନା ଓ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାକୁ ପଦାରେ ପକାଇଛି।

ପ୍ରକାଶଥାଉକି, ଆଜକୁ ୪ ଦିନ ତଳେ ପିଭିଏନ ରାଓ ଛକରେ ଭିକ୍ଷାବୃତ୍ତି ବେଳେ ଟାଉନ ଥାନା ପୁଲିସ ଏହି ୨ ନାବାଳିକା ସମେତ ମୋଟ ୯ଜଣ ଶିଶୁଙ୍କୁ ଉଦ୍ଧାର କରିଥିଲା। ୯ ଜଣଙ୍କ ମଧ୍ୟରୁ ଶିଶୁମଙ୍ଗଳ କମିଟି ନିର୍ଦ୍ଦେଶରେ ୭ ଜଣ ନାବାଳକଙ୍କୁ ସୁଧାର ଗୃହରେ ରଖାଯାଇଥିବା ବେଳେ ଉପରୋକ୍ତ ୨ ନାବାଳିକାଙ୍କୁ ବାଳାଶ୍ରମରେ ଛାଡିଥିଲା। ସେହିପରି ଉକ୍ତ ଛକରୁ ପୁଲିସ ଏହି ନାବାଳକ ଓ ନାବାଳିକାଙ୍କୁ ଭିକ୍ଷାବୃତ୍ତିରେ ନିୟୋଜିତ କରି ବର୍ଷ ବର୍ଷ ଧରି ରାକେଟ ଚଳାଇଥିବା ୫ ଜଣ ଅଭିଭାବକଙ୍କୁ ଗିରଫ କରାଯାଇଥିଲା। ହେଲେ ବାଳାଶ୍ରମରେ ରହିବାର ଗୋଟିଏ ଦିନ ପରେ ୨ ନାବାଳିକା ଦିନବେଳା ବାଳାଶ୍ରମର କାନ୍ଥ ଡେଇଁ ଚମ୍ପଟ ମାରିଥିଲେ। ଦିନରେ ବାଳାଶ୍ରମ କର୍ମଚାରୀ, ସୁରକ୍ଷା କର୍ମୀ ରହିଥିଲେ ମଧ୍ୟ କେଉଁ ପରିସ୍ଥିତିରେ ସେମାନେ ଫେରାର ହେଲେ ତାହା ତଦନ୍ତ ସାପେକ୍ଷ। ତେବେ ଘଟଣାକୁ ନେଇ ବାଳାଶ୍ରମ ପକ୍ଷରୁ ଗୋସାଇଁନୂଆଗାଁ ଥାନାରେ ଅଭିଯୋଗ କରାଯାଇଥିବା ବାଳାଶ୍ରମ ଅଧୀକ୍ଷିକା ସ୍ମିତା ପାଢୀ କହିଛନ୍ତି।

## ଭଞ୍ଜନଗର ଉପଖଣ୍ଡରେ ଏଚ୍‌ପିଭି ଟୀକାକରଣ ଶୁଭାରମ୍ଭ



ଭଞ୍ଜନଗର,୬ ।୩(ସମିସ): ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ଶୁକ୍ରବାର ଏଚପିଭି ଟୀକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଭଞ୍ଜନଗର ଉପଖଣ୍ଡ ଅଧୀକ୍ଷକ ସୀତାଂଶୁ ଶେଖର ଶତପଥୀ ଏହାର ଶୁଭାରମ୍ଭ କରିଥିଲେ। ହ୍ୟୁମାନ ପାପିଲୋମା ଭାଇରସ (ଏଚପିଭି) ଟୀକାକରଣ ଦ୍ୱାରା ମହିଳା ମାନଙ୍କର ଜରାୟୁ ଗ୍ରିବା ମାରାତ୍ମକ କର୍କଟ ରୋଗକୁ ପ୍ରତିରୋଧ କରାଯିବାର ସ୍ୱତନ୍ତ୍ର ପ୍ରୟାସ ଆରମ୍ଭ କରାଯାଇଛି। ମେଡ଼ିକାଲ ପରିଚାଳକ ବିଚିତ୍ର କୁମାର ପାଣିଗ୍ରାହି, ଏଲ୍ଏଚ୍‌ଭି ମନ୍ଦାକିନୀ ବେହେରା, ବିଦୂପମା ସାହୁ ଏବଂ ସୁନୀତା କୁମାରୀ ଦାସ ଓ ସ୍ୱର୍ଣ୍ଣଲତା ତ୍ରିପାଠୀ ଆଶା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଥାଉ କି, ଜରାୟୁ କର୍କଟ (ସର୍ଭିକାଲ କ୍ୟାନ୍ସର)ରେ ପ୍ରତିବର୍ଷ ବହୁ ସଂଖ୍ୟାରେ ମହିଳା ପ୍ରାଣ ହରାଉଛନ୍ତି। ବଜାରରେ ଉପଲବ୍ଧ ଥିବା ଟୀକାର ଦର ଅଧିକା ଥିବାରୁ ଏହାକୁ ସମସ୍ତେ କିଣି ପାରୁନଥିଲେ। ଆଉ ଏହାକୁ ଏବେ ଜାତୀୟ ଟୀକାକରଣ କାର୍ଯ୍ୟକ୍ରମରେ ସାମିଲ କରାଯିବା ପରେ ଏହା ଏବେ ମାଗଣାରେ ପ୍ରଦାନ କରାଯିବ।

## ପାତ୍ରପୁର ବସ୍‌ଷ୍ଟାଣ୍ଡରୁ ଜବରଦଖଲ ଉଚ୍ଛେଦ



ପାତ୍ରପୁର,୬ ।୩(ସମିସ): ପାତ୍ରପୁର ମୁଖ୍ୟ ବସଷ୍ଟାଣ୍ଡରେ ଜବରଦଖଲଉଚ୍ଛେଦ ଦ୍ୱିତୀୟ ଥର ପାଇଁ ସରକାରଙ୍କ ପକ୍ଷରୁ ଶୁକ୍ରବାର ଆରମ୍ଭ ହୋଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ପ୍ରଶସ୍ତିକରଣ ପାଇଁ ଘର ମାଲିକ ମାନଙ୍କୁ ଗତ ମାର୍ଚ୍ଚ ମାସରୁ ନୋଟିସ୍ ଜାରି ହୋଇଥିଲା ତେବେ କେହି ନମାନିବାରୁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ପାତ୍ରପୁର ତହସିଲଦାର ଅଶୋକ କୁମାର ପଟ୍ଟନାୟକ, ଚିକିଟି ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ, ଜରଡା ଥାନା ଅଧିକାରୀ ମିନାକ୍ଷୀ ଦଳବେହେରାଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କାମ ସକାଳୁ ଆରମ୍ଭ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ ପାତରଅନ୍ତର ନିତୀ କରାଯାଉଥିବା କିଛି ଘର ମାଲିକ ଅଭିଯୋଗ କରିବା ସହ ପ୍ରଶାସନିକ ଅଧିକାରୀ ଓ ଘର ମାଲିକଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। କିନ୍ତୁ ଘର ମାଲିକ ଓ ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରି ପ୍ରଶାସନ ଜବରଦଖଲ ଉଚ୍ଛେଦ କରିଥିବା ଦେଖିବାକୁ ମିଳିଛି। ପୂର୍ବରୁ ମଧ୍ୟ ଥରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ହୋଇଥିବା ବେଳେ କିଛି ଲୋକ ସହଯୋଗ ନକରିବାରୁ ପୁଣି ଶୁକ୍ରବାର ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସେହିଭଳି ଆଇନ ଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରେ ରଖି ଦୁଇ ପ୍ଲାଟୁନ ପୁଲିସ ଘଟଣାସ୍ଥଳରେ ମୁତୟନ ହୋଇଥିଲେ। ରାସ୍ତା କଡ଼ରେ ଥିବା ଦୀର୍ଘ ଦିନର ବଡ଼ ବଡ଼ ଗଛକୁ ମଧ୍ୟ କଟା ଯାଇଥିବା ବେଳେ ପରିବେଶପ୍ରେମୀ ମାନେ ଏହାକୁ ନିନ୍ଦା କରିଛନ୍ତି। ସେହିଭଳି ରାସ୍ତା କାମ ଦୀର୍ଘ ଦିନ ହେବ ଜାରି ରହିଥିବା ବେଳେ ବ୍ୟବସାୟୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଯାହାକୁ ନେଇ ବ୍ୟବସାୟୀ ମାନେ ଶୀଘ୍ର କାମ ସରିବା ପାଇଁ ଦାବି କରିଛନ୍ତି।

## ଶିକ୍ଷା ମହାବିଦ୍ୟାଳୟରେ ଚିତ୍ରକଳା ପ୍ରଦର୍ଶନୀ



ଭଞ୍ଜନଗର,୬ ।୩(ସମିସ): ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଦିଲ୍ଲୀପ କୁମାର ଖୁଣ୍ଟିଆଙ୍କ ତତ୍ତ୍ୱାବଧାନ ଏବଂ କଳା ଶିକ୍ଷକ ଅକ୍ଷୟ କୁମାର ସେଠୀଙ୍କ ମାର୍ଗଦର୍ଶନରେ ବି. ଏଡ୍. ପ୍ରଥମ ବର୍ଷର ୧୦୦ ଗୁରୁ ଛାତ୍ରଛାତ୍ରୀ ନିଜ ନିଜର ପ୍ରସ୍ତୁତ ଚିତ୍ରକଳା ପ୍ରଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ସଂସ୍କୃତିରତ୍ନ ଗୁରୁ ନାରାୟଣ ମହାରଣା ଯୋଗଦେଇ ମହାବିଦ୍ୟାଳୟର ନମୁନା କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ସହକାରୀ ପ୍ରଫେସର ଡକ୍ଟର ରଞ୍ଜନ କୁମାର ନାୟକ, ଅମିତ୍ ମିସାଲ, କେ. ପ୍ରକାଶ ରେଡ୍ଡି, ଡକ୍ଟର ସତ୍ୟବାଦୀ ମାର୍ଥା, ପ୍ରକାଶ କୁମାର ସାହୁଙ୍କ ସମେତ ସମସ୍ତ ଅଧ୍ୟାପକ ଓ ଅଣ ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ। ମହାବିଦ୍ୟାଳୟର ପ୍ରଥମ ଏବଂ ଦ୍ୱିତୀୟ ବର୍ଷର ପ୍ରାୟ ଦୁଇ ଶହ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ନିକଟସ୍ଥ ସରକାରୀ ସୋମନାଥ ଅଭ୍ୟାସ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ମାନେ ଉକ୍ତ ପ୍ରଦର୍ଶିତ ଚିତ୍ର କଳା ଗୁଡ଼ିକ ଦେଖି ଭରପୁର ମଜା ଉଠାଇଥିଲେ। ଶେଷରେ ପ୍ରଥମ ବର୍ଷର ସମସ୍ତ ଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ଛତ୍ରପୁରରେ ଖୋଲିଲା ସାଇବର ଥାନା



ଛତ୍ରପୁର,୬ ।୩(ସମିସ): ଗୃହମନ୍ତ୍ରୀ ଅମିତ ଶାହଙ୍କ କରକମଳରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉପସ୍ଥିତିରେ ଭିସି ଜରିଆରେ ଛତ୍ରପୁରରେ ଏକ ସାଇବର ଥାନା ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଛତ୍ରପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର ଓ ଗଞ୍ଜାମ ଏସପି ଶୁଭେନ୍ଦୁ କୁମାର ପାତ୍ର ଉପସ୍ଥିତ ରହି ଏହାର ଉଦ୍‌ଘାଟନ କରିଥିଲେ। ଦକ୍ଷିଣାଞ୍ଚଳ ରେଞ୍ଜ ଅଧିନରେ ୩ଟି ସାଇବର ଥାନା ଗଞ୍ଜାମ, ଗଜପତି ଓ ବୌଦ୍ଧ ଜିଲ୍ଲାରେ ଆଜି ଖୋଲିଛି ବୋଲି ଆଇଜି କହିଥିଲେ। ପୂର୍ବରୁ ବ୍ରହ୍ମପୁର ଓ ଫୁଲବାଣୀ ଜିଲ୍ଲାରେ ରହିଥିଲା। ଦିନକୁ ଦିନ ସାଇବର କ୍ରାଇମ ବଢୁଛି, ତେଣୁ କରି ପ୍ରତି ସାଇବର ଥାନାରେ ସ୍ୱତନ୍ତ୍ର ଟିମ ରହିବେ। ଗଞ୍ଜାମ ସାଇବର ଥାନାରେ ଜଣେ ଡିଏସପିଙ୍କ ନେତୃତ୍ୱରେ ୭ ଜଣ ଆଇଆଇସି, ୨ଜଣ ଏସଆଇ, ଜଣେ ଏଏସଆଇ, ୩ଜଣ କନଷ୍ଟେବଲ ରହିବେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ସୀମା ସ୍ୱାଇଁ, ଚିନ୍ମୟ ନାୟକ, ଡିଏସ୍‌ପି ଗିରିଜାନନ୍ଦନ ପଟ୍ଟନାୟକ, ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼ାଇ, ଆସିଷ୍ଟାଣ୍ଟ କାମାଣ୍ଡାଣ୍ଟ କାଳୁଚରଣ ବେହେରା, ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ସାଇବର ଥାନାର ଜ୍ୟୋତିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ

ବ୍ରହ୍ମପୁର,୬ ।୩(ସମିସ): କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୧୫ତମ ବୈଜ୍ଞାନିକ ପରାମର୍ଶ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କୃଷିର ବିକାଶ ଏବଂ ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ସମ୍ପର୍କିତ ଆଗାମୀ ବର୍ଷର କାର୍ଯ୍ୟଖସଡ଼ା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏଥିରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନଜିତ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଭାରତୀୟ କୃଷି ଗବେଷଣା ପରିଷଦ, ଅଟାରି କୋଲକାତାର ପ୍ରମୁଖ ବୈଜ୍ଞାନିକ ଡ କଲ୍ୟାଣ ସୁନ୍ଦର ଦାସ ଏବଂ ଭାରତୀୟ ଉଦ୍ୟାନ ଗବେଷଣା ପ୍ରତିଷ୍ଠାନର ମୁଖ୍ୟ ଡ. ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ କୃଷି ଜ୍ଞାନକୌଶଳର ପ୍ରସାର ଉପରେ ମତ ରଖିଥିଲେ। ଏ ଅବସରରେ ଓୟୁଏଟିର ଗବେଷଣା ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ଉମାଶଙ୍କର ନାୟକ ଯୋଗଦେଇ ପରିବର୍ତ୍ତିତ ପରିସ୍ଥିତିରେ ରୋଗ ପୋକ ପରିଚାଳନା ଗବେଷଣା ଉପରେ ପରାମର୍ଶ ଦେଇଥିଲେ। ସଂପ୍ରସାରଣ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ରବିରତ୍ନ ଦାଶ ବୈଠକକୁ ପରିଚାଳନା କରି କୃଷକମାନଙ୍କ ସମସ୍ୟାକୁ ନେଇ କୃଷକ ଜମିରେ ପରୀକ୍ଷଣ କରିବାକୁ ପରାମର୍ଶ ଦେଇଥିଲେ। ପୁଷ୍ଟି ଫସଲ ଗବେଷଣା ସଂସ୍ଥାର ଅଧ୍ୟକ୍ଷ ଡଃ ପ୍ରଶାନ୍ତ କୁମାର ପଣ୍ଡା ଉପସ୍ଥିତ ରହି ବୈଷୟିକ ପରାମର୍ଶ ଡାଲି ଜାତୀୟ ଫସଲ କୁ ଆଦୃତ କରିବାକୁ ଯୋଜନା କରିବାକୁ କହିଥିଲେ। ଏକରିକ୍ ପ୍ରୋଜେକ୍ଟର ଜିଲ୍ଲା ସଂଯୋଜକ ରଞ୍ଜନ ଭୋଇ, ରାଇଜ ପ୍ରୋଜେକ୍ଟର ଶିବାଶିଷ ପଣ୍ଡା, ବିଭିନ୍ନ କୃଷକ ଉତ୍ପାଦକ ସଂଗଠନର ସଦସ୍ୟ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଏଥିରେ ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ ବୈଜ୍ଞାନିକ ଡ ସିଦ୍ଧାର୍ଥ ଶଙ୍କର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ, କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ ସୁଜିତ୍ କୁମାର ନାଥ ଗତ ବର୍ଷର କାର୍ଯ୍ୟାବଳୀର ବିବରଣୀ ପ୍ରଦାନ କରି ଆଗାମୀ ବର୍ଷର କାର୍ଯ୍ୟପନ୍ଥା ଉପସ୍ଥାପନ କରିଥିଲେ।

# ଆଜିଠୁ ଗଞ୍ଜାମ ଓକିଲ ସଂଘ ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଦାଖଲ

### ୪ପଦବୀ ପାଇଁ ଆଶାୟୀ ୧୫ ଜଣ, ସବୁ ପଦବୀରେ ବହୁମୁଖୀ ପ୍ରତିଦ୍ୱନ୍ଦିତା

ବ୍ରହ୍ମପୁର,୬ ।୩(ସମିସ)



ଚଳିତ ମାର୍ଚ୍ଚ ୨୮ ତାରିଖରେ ଗଞ୍ଜାମ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ। ସଂଘର ସଭାପତି, ଉପ ସଭାପତି, ସମ୍ପାଦକ ଓ ଯୁଗ୍ମ ସମ୍ପାଦକ ଭଳି ୪ଟି ପ୍ରମୁଖ ପଦବୀ ପାଇଁ ମତଦାନ ଗ୍ରହଣ କରାଯିବ। ସେହିଭଳି ସଂଘର ମୋଟ ୭ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ପଦବୀ ମଧ୍ୟରୁ ଶତକଡା ୩୦ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ୩ଟି ରହିଛି। ସମସ୍ତ କାର୍ଯ୍ୟନିର୍ବାହୀ ସଦସ୍ୟ ପଦବୀ ନିର୍ବାଚନ ନୁହେଁ ବରଂ ମନୋନିତ କରାଯିବ ବୋଲି ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଚଳିତ ବର୍ଷ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ପାଇଁ ଗତ ୫ତାରିଖ ଠାରୁ ପ୍ରାର୍ଥୀପତ୍ର ବିକ୍ରୀ ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନରେ ୧୩ଜଣ ଓ ଦ୍ୱିତୀୟ ଦିନରେ ଶୁକ୍ରବାର ୪ଜଣ ନାମାଙ୍କନ ପତ୍ର ନେଇଥିବା ଜଣାପଡିଛି। ଫଳରେ ବର୍ତ୍ତମାନ ସୁଦ୍ଧା ମୋଟ ୧୭ଜଣ ଫର୍ମ ନେଇଥିବା ବେଳେ ଶନିବାର କିଛି ଆଶାୟୀ ପ୍ରାର୍ଥୀ ଫର୍ମ ନେଇ ସିଧାସଳଖ ନାମାଙ୍କନ ପତ୍ର ଦାଖଲ କରିବା ସମ୍ଭାବନା ରହିଛି। ଶନିବାର ଠାରୁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ସହିତ ନିର୍ବାଚନ ପାଇଁ ଅବଗଣନା ଆରମ୍ଭ ହୋଇଯାଇଛି। ତେବେ ନିର୍ବାଚନ ହେବାକୁ ଥିବା ପ୍ରମୁଖ ୪ଟି ପଦବୀ ପାଇଁ ମୋଟ ୧୫ଜଣ ଆଶାୟୀ ପ୍ରାର୍ଥୀ ଥିବା ସମ୍ପ୍ରତି ଚାଲିଥିବା ପ୍ରଚାର କାର୍ଯ୍ୟରୁ ଜଣାପଡିଛି।

ମିଳିଥିବା ସୂଚନା ପ୍ରକାରେ ସଭାପତି ପଦବୀରେ ସୀତାଂଶୁ ଶେଖର ପଣ୍ଡା, ରବୀନ୍ଦ୍ର କୁମାର ଦେଓ, ନିରଞ୍ଜନ ପାଣିଗ୍ରାହୀ ଓ ତିରୁମୁଲା ରେଡ୍ଡୀ ଥିବା ବେଳେ ଉପ ସଭାପନତି ପଦବୀରେ ସୀମାଞ୍ଚଳ ବିଶୋୟୀ, ଅନୀଲ କୁମାର ପଣ୍ଡା, ଶ୍ରୀକାନ୍ତ ମହାପାତ୍ର ଓ ସତ୍ୟ ନାରାୟଣ ବସନ୍ତିଆ, ସମ୍ପାଦକ ପଦବୀ ପାଇଁ ଜଗନ୍ନାଥ ମିଶ୍ର, ମଦନ ମୋହନ ପାତ୍ର, ଟିଟୁ ପାତ୍ର ଓ ଦତ୍ତତ୍ରୟ ବେହେରା ଆଶାୟୀ ଥିବା ଜଣାପଡିଛି। ସେହିଭଳି ଯୁଗ୍ମ ସମ୍ପାଦକ ପଦବୀରେ ରଞ୍ଜନ ସାମନ୍ତରାୟ, ମୀରାବାଇ ପାଣିଗ୍ରାହୀ ଓ ମନୋଜ ନାୟକ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ପ୍ରସ୍ତୁତି ଚଳାଇଛନ୍ତି। ଫଳରେ ଚଳିତ ନିର୍ବାଚନରେ ସଂଘର ସମସ୍ତ ପଦବୀରେ ବହୁମୁଖୀ ପ୍ରତିଦ୍ୱନ୍ଦିତା

## ବରଯାତ୍ରୀ ଗାଡ଼ି ଦୁର୍ଘଟଣାଗ୍ରସ୍ତ; ମହିଳା ଗୁରୁତର

ଜଗନ୍ନାଥପ୍ରସାଦ,୫ ।୪(ସମିସ): ଜଗନ୍ନାଥପ୍ରସାଦ ଥାନା ଜିରାବାଡି ପାନ୍ତିଆମା ନାଳରେ ଗୁରୁବାର ବିଳମ୍ବିତ ରାତିରେ ଏକ ବୋଲେରୋ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ମହିଳାଙ୍କ ବାମ ହାତ ଛିଣ୍ଡିବା ସହ ୨୫ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ଗୁରୁବାର ସନ୍ଧ୍ୟାରେ ତାରସିଂ ଥାନା ଅଧୀନ ମାଣପୁର ଗ୍ରାମର ଏକ ସମ୍ପର୍କୀୟ ଘରକୁ ଗୋଇରିବନ୍ଧ ଗ୍ରାମରେ ଅଭିରତ ପ୍ରଧାନ ଓ ତାଙ୍କ ସ୍ତ୍ରୀ ରିଙ୍କି ପାତ୍ର ମିଶି ବାରାତ୍ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଏକ ଘରୋଇ ଯାତ୍ରୀବାହି ବସ ସହ ଦୁଇଟି ବୋଲେରୋ ଗାଡ଼ିରେ ବୁଢୁରୁଙ୍ଗ ଗ୍ରାମକୁ ଯାଇଥିଲେ। ଫେରିବା ବେଳେ ପ୍ରାୟ ବିଳମ୍ବିତ ରାତି ୧୨ଟା ବେଳେ ଜିରାବାଡି ପନ୍ତିଆମା ନାଳ ବୁଲାଣି ଠାରେ ଆଗରେ ଯାଉଥିବା (ଓଡି ୨୫ଏଫ ୦୦୨୬) ନାମକ ଏକ ବୋଲେରୋ ଭାରସାମ୍ୟ ହରାଇ ରାସ୍ତାରେ ତିନି ପଲଟି ମାରିଥିଲା। ପଛରେ ଥିବା ପରିବାର ବର୍ଗ ଗାଡ଼ି ଭିତରେ ଥିବା ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରି ନିକଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଗାଡି ଭିତରେ ଥିବା ମହିଳାଙ୍କ ବାମ ହାତଟି ଛିଣ୍ଡି ଯାଇଥିଲା। ସ୍ଥାନୀୟ ଥାନା ଏବଂ ଦମକଳ ବାହିନୀ ସହାୟତାରେ ସମସ୍ତ ଯାତ୍ରୀଙ୍କୁ ଉଦ୍ଧାର କରିବା ସହ ଗାଡ଼ିକୁ ଜବତ କରାଯାଇଥିବା ଏଏସଆଇ ପ୍ରିୟରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି।

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସାଗର ପରିଡା
ଏରବଙ୍ଗ, ତିହସାହି
ତିରୋଧାନ - ୨୭.୦୨.୨୦୨୬

ଆପଣଙ୍କ ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତ ରେ ଆମ୍ଭେମାନେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ପ୍ରତ୍ୟେକ ମୁହୂର୍ତ୍ତରେ ମନେପଡୁଛି, ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ଆପଣଙ୍କ ଅମର ଆତ୍ମା ସଦଗତି ହେଉ।

ଶୋକସନ୍ତପ୍ତ:
ରବିନ୍ଦ୍ର, ସୁରେନ୍ଦ୍ର, ନରେଶ, ସନ୍ତୋଷ, ଶଶିକାନ୍ତ ଓ ଶୋକାକୂଳ ପରିବାର ବର୍ଗ

## ଜିଲ୍ଲାସ୍ତରୀୟ ଗ୍ରୀଷ୍ମ ପରିଚାଳନା ପ୍ରସ୍ତୁତି ବୈଠକ

# ସଜାଗ ରହିବାକୁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ

ପାରଳାଖେମୁଣ୍ଡି,୬ ।୩(ସମିସ):



ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଗ୍ରୀଷ୍ମ ପ୍ରବାହ ସୁପରିଚାଳନା ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ଗ୍ରୀଷ୍ମ ପ୍ରବାହରେ ସତର୍କ ରହିବା ସହିତ ଚଳିତ ମାର୍ଚ୍ଚ ଠାରୁ ଜୁନ୍ ମାସ ମଧ୍ୟରେ ଅଂଶୁଘାତର ମୁକାବିଲା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସଚେତନତା ଓ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ସେ ନେଇ ଜିଲ୍ଲାର ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଗ୍ରୀଷ୍ମ ପ୍ରବାହ ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ପ୍ରବଳ ଗ୍ରୀଷ୍ମ ପ୍ରବାହ ଆଶଙ୍କା ଥିବାରୁ ସମସ୍ତ ବିଭାଗୀୟ ଅଧିକାରୀ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଂଶୁଘାତ ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ଉପଯୁକ୍ତ ପରିମାଣ ଓଆରଏସ, ପ୍ୟାକେଟ ଓ ଆବଶ୍ୟକ ଔଷଧ ମହଜୁଦ ରଖିବା ସହିତ ସଜାଗ ରହିବାକୁ କୁହାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥା ତ୍ୱରାନ୍ୱିତ କରିବାକୁ କୁହାଯାଇଥିଲା।

ସେହିପରି ଗାଁଠୁ ସହର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବା, ଖରାପ ଥିବା ନଳକୂଅ ତୁରନ୍ତ ମରାମତି କରିବାକୁ କୁହାଯାଇଛି। ଆଶାକର୍ମୀ,ଅଙ୍ଗନବାଡି କର୍ମୀ, ସ୍ୱେଚ୍ଛାସେବୀ ଓ ପଞ୍ଚାୟତିରାଜ ସଦସ୍ୟଙ୍କୁ ସାମିଲ କରି ଅଂଶୁଘାତର ମୁକାବିଲା ପାଇଁ ସଚେତନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଗ୍ରୀଷ୍ମରେ ତାପମାତ୍ରା ବୃଦ୍ଧି ପାଇବା ଆଶଙ୍କା ଥିବାରୁ ସତର୍କ ଓ ସଚେତନ ରହିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ବିଶେଷ କରି ସ୍ୱାସ୍ଥ୍ୟ , ଶିକ୍ଷା ,ଶ୍ରମ, ଜିଲ୍ଲା ସାମାଜିକ ସୁରକ୍ଷା, ଜଙ୍ଗଲ, ପାନୀୟ ଜଳ ବିଭାଗ ନିଜ ନିଜ ଦାୟିତ୍ୱ ଠିକ୍ ଭାବରେ ପରିଚାଳନା କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନନାଗା,ଉପଜିଲ୍ଲାପାଳ ଅନୁପ ପଣ୍ଡା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ବିନାୟକ ରାଉଳଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଶରଧାପୁରରେ ବିଜେଡି ସମ୍ମିଳନୀ

# 'ଡବଲ ଇଞ୍ଜିନ ସରକାର ଦିନରେ ଲଣ୍ଠନ ଦେଖାଉଛି'



ପାରଳାଖେମୁଣ୍ଡି, ୬ ।୩ (ସମିସ): ଗୋଷାଣି ବ୍ଲକ ଶରଧାପୁର ଗ୍ରାମରେ ବିଜେଡିର ସମ୍ମିଳନୀ ତଥା ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଶରଧାପୁର ଗ୍ରାମର ଶହ ଶହ ବିଜେଡି କର୍ମୀଙ୍କ ସମେତ ବହୁ ସଂଖ୍ୟକ ଜିଲ୍ଲାସ୍ତରୀୟ ନେତୃବୃନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ଦଳୀୟ ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାରଙ୍କ ଅମଳରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଏବଂ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିବା ବେଳେ ବର୍ତ୍ତମାନର ରାଜ୍ୟ ସରକାରଙ୍କ ଯୋଜନା ତୃଣମୂଳସ୍ତରରେ କାମରେ ଆସୁନଥିବା ଆଲୋଚନା ହୋଇଥିଲା। ତତ୍କାଳୀନ ସରକାରଙ୍କ ଯୋଜନା ଲୋକଙ୍କ ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଅଭିବୃଦ୍ଧି ଘଟିଥିଲା। ସେହିପରି ସ୍ୱାସ୍ଥ୍ୟ କାର୍ଡ କ୍ଷେତ୍ରରେ ତତ୍କାଳୀନ ନବୀନ ସରକାର ବିଶେଷ କରି ଗରିବଙ୍କ ପାଇଁ ବରଦାନ ସାଜିଥିବା ବେଳେ ବର୍ତ୍ତମାନ ସରକାରଙ୍କ ସ୍ୱାସ୍ଥ୍ୟକାର୍ଡ କାମରେ ଆସୁନି। ପ୍ରତିଟି କ୍ଷେତ୍ରରେ ଯଥା ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା କରି ଲୋକଙ୍କ ଆଦୃତ ପାଲଟିଥିଲା। ହେଲେ ଏବକାର ସରକାର ଜନହିତ କାର୍ଯ୍ୟ ନକରି ରଙ୍ଗ ମାରି ଚାଲିଛନ୍ତି ବୋଲି ବିଜେଡି ନେତୃବୃନ୍ଦ କହିଥିଲେ। ପ୍ରତି ପଞ୍ଚାୟତର ବିକାଶ ଲାଗି ତତ୍କାଳୀନ ସରକାର ତତ୍ପର ହୋଇ ଆର୍ଥିକ ଅନୁଦାନ ପ୍ରଦାନ କରୁଥିଲେ। ହେଲେ ଡବଲଇଞ୍ଜିନ ସରକାର ଲୋକଙ୍କୁ ଦିନରେ ଲଣ୍ଠନ ଦେଖାଇ ବିକାଶ କାର୍ଯ୍ୟକୁ ବାଟବଣା କରି ଚାଲିଥିବା ଅଭିଯୋଗ କରାଯାଇଥିଲା। ଏପରି ସରକାରଙ୍କୁ ଆଗାମୀ ନିର୍ବାଚନରେ ପ୍ରତ୍ୟାଖାନ କରି ଉଚିତ ଜବାବ ଦେବାକୁ ନେତାମାନେ ବକ୍ତବ୍ୟ ରଖିଥିଲେ। ତୃଣମୂଳସ୍ତରରେ ବିଜେଡିକୁ ଅଧିକ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ ନେତା। କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ଯୋଗଦେଇ ସମଗ୍ର ଜିଲ୍ଲା ତଥା ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ବିଜେଡିର ଅଧିକ ଶସକ୍ତିକରଣ ପାଇଁ ପ୍ରତି ପଞ୍ଚାୟତରେ ଏଭଳି କାର୍ଯ୍ୟକ୍ରମ କରାଯିବା ସହ ଜନ ଅଭିଯୋଗ ଶୁଣାଣି ମଧ୍ୟ କରାଯିବ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାୟକ, ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, ଯୁବ ବିଜେଡି ସଭାପତି ଲେଙ୍କା ସିମାଦ୍ରୀ, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ, କାଶୀନଗର ବ୍ଲକ ଅଧ୍ୟକ୍ଷା ବି.ସାୟାମ୍ମା, ଗୁମ୍ମା ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ଜିଲ୍ଲାପରିଷଦ ସଦସ୍ୟ ଏସ୍.ବାଲାରାଜୁ, ସ୍ଥାନୀୟ ନେତା ବାବୁ ରାଓଙ୍କ ସମେତ ଶରଧାପୁର ପଞ୍ଚାୟତର ବିଜେଡି ନେତୃଗଣ ଏବଂ ଏହାର ଆଖପାଖ ପଞ୍ଚାୟତର ସରପଞ୍ଚ ଓ ସମିତିଙ୍କ ସହ ବିଶିଷ୍ଟ ଅତିଥି ଭାବେ ହାଇଟେକ ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ମଞ୍ଚାସୀନ ଥିବା ବେଳେ ଶରଧାପୁର ପଞ୍ଚାୟତର ୫୦୦ରୁ ଅଧିକ ଲୋକେ ଉପସ୍ଥିତଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଶରଧାପୁର ପଞ୍ଚାୟତ ସରପଞ୍ଚ ସିଏଚ୍. ପ୍ରସାଦରାଓ ଓ କେ.ବିଷ୍ଣୁମୂର୍ତ୍ତୀ ପରିଚାଳନା କରିଥିଲେ।

● ୩ ବ୍ଲକର ବିଭିନ୍ନ ସମସ୍ୟା ସମାଧାନ ଦାବି

# ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟିଲେ ସ୍ୱାକ୍ କର୍ମକର୍ତ୍ତା




ଜି.ଉଦୟଗିରି, ୬ ।୩(ସମିସ): କନ୍ଧମାଳ ଜିଲ୍ଲାର ଜି.ଉଦୟଗିରି, ରାଇକିଆ ଓ ଟିକାବାଲି ବ୍ଲକରେ ବିଭିନ୍ନ ସମସ୍ୟା ଲାଗି ରହିଛି। ଏହି ସବୁ ସମସ୍ୟାର ସମାଧାନ ପାଇଁ ସାମାଜିକ ସଂଗଠନ ସ୍ୱାକ୍ କର୍ମକର୍ତ୍ତା ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ସଂଗଠନ ପକ୍ଷରୁ ଦର୍ଶାଯାଇଛି ଯେ, ରାଇକିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୧୨ ପଞ୍ଚାୟତ ସହିତ ଆଖପାଖ ଅଞ୍ଚଳର ପ୍ରାୟ ୫୦ ହଜାରରୁ ଅଧିକ ଲୋକ ନିର୍ଭର କରୁଥିବା ସତ୍ତ୍ୱେ ସେଠାରେ ଅନେକ ଅସୁବିଧା ରହିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱାକ୍ ପକ୍ଷରୁ ଏକ୍ସ-ରେ ମେସିନ୍ ସ୍ଥାପନ, ଖାଲି ଥିବା ବିଶେଷଜ୍ଞ ଡାକ୍ତର ପଦ ପୂରଣ ଓ ୧୪ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟକୁ ୩୦ ଶଯ୍ୟା କରିବାକୁ ଦାବି କରାଯାଇଛି। ସେହିପରି ଦାନ୍ତ ଚିକିତ୍ସକ ନିଯୁକ୍ତ ଥିବା ସତ୍ତ୍ୱେ ଆବଶ୍ୟକ ଉପକରଣ ନଥିବାରୁ ରୋଗୀ ସୁବିଧା ପାଉନଥିବାରୁ ଆବଶ୍ୟକ ଉପକରଣ ଯୋଗାଇବା ସହିତ ଡାକ୍ତର ଓ କର୍ମଚାରୀଙ୍କ ପାଇଁ ନୂତନ ଆବାସ ଗୃହ ନିର୍ମାଣ ଏବଂ ପୁରୁଣା ଭଙ୍ଗା କୋଠାର ମରାମତି ପାଇଁ ମଧ୍ୟ ଦାବି କରାଯାଇଛି।

ଟିକାବାଲି ବ୍ଲକ ଗାର୍ଡିଙ୍ଗିଆ ପଞ୍ଚାୟତର ପ୍ରାୟ ୪ ହଜାର ଲୋକ ମୁଖ୍ୟମନ୍ତ୍ରୀ ବସ୍ ସେବାରୁ ବଞ୍ଚିତ ଥିବାରୁ ସେଠାକୁ ଶୀଘ୍ର ବସ୍ ସେବା ଆରମ୍ଭ କରିବାକୁ ଦାବି କରାଯାଇଛି। ଏହାସହିତ ଗାର୍ଡିଙ୍ଗିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପାନୀୟ ଜଳ ସୁବିଧା ନଥିବାରୁ ଏକ ନଳକୂପ ଖନନ କରିବାକୁ ଅନୁରୋଧ କରାଯାଇଛି। ଜି.ଉଦୟଗିରି ବ୍ଲକର ଶ୍ରୀରାମପଦା ଛକ ଠାରୁ ରଟିଙ୍ଗିଆ ଦେଇ ଗ୍ରେସିଙ୍ଗିଆ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନାରେ ଅନୁମୋଦିତ ପକ୍କା ରାସ୍ତା କାମ ଦୀର୍ଘଦିନ ହେଲେ ଆରମ୍ଭ ହୋଇନଥିବାରୁ ତାହାକୁ ତୁରନ୍ତ ଆରମ୍ଭ କରିବାକୁ ଦାବି ହୋଇଛି। ଏହାସହିତ ସୁକାନାଣ୍ଡା ଛକ ଠାରୁ ତେଲିଙ୍ଗିଆ ଓ ଗଦଗୁଡ଼ା ଦେଇ ଟିକାବାଲି ପର୍ଯ୍ୟନ୍ତ ଏବଂ ରାଇକଲା ପଞ୍ଚାୟତର ଶ୍ରୀକଲା ଠାରୁ ଖାରିଆପଡା ଦେଇ ଜାକାମାହା ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ପାଇଁ ଦାବିପତ୍ର ଦିଆଯାଇଛି। ସ୍ୱାକ୍ ସଂଗଠନ ସଭାପତି ଆମନ୍ ଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ସାମନ୍ତ ଶେଖର ନାୟକ, ସଦସ୍ୟ ସନ୍ତୋଷ ଦିଗାଲ ଓ ମିହିର କାନ୍ତ ଦିଗାଲ ସମସ୍ୟା ସମ୍ପର୍କରେ ଜଣାଇଥିଲେ।

# ଜାତୀୟ ରାଜପଥ କଡ଼ରୁ ଜବରଦଖଲ ଉଚ୍ଛେଦ

ଫୁଲବାଣୀ,୬।୩(ସମିସ): ଫୁଲବାଣୀ ସହରର ଅନେକ ରାସ୍ତାକୁ ମାଡ଼ିବସି ଲୋକେ ଘରଦ୍ୱାର କରିଛନ୍ତି। ବିଶେଷ କରି ଦୋକାନୀମାନେ ରାସ୍ତା ଅକ୍ତିଆର କରୁଥିବାରୁ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସହର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥ-୧୫୭ର ଅବସ୍ଥା ମଧ୍ୟ ସମାନ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହି ରାସ୍ତାର ସମ୍ପ୍ରସାରଣ କରିବାକୁ ଯୋଜନା କରିଥିଲେ ମଧ୍ୟ ଜବରଦଖଲ ଯୋଗୁଁ ଏହା ସମ୍ଭବ ହୋଇ ପାରୁନଥିଲା। କିଛିଦିନ ତଳେ ଜବରଦଖଲକାରୀଙ୍କୁ ନୋଟିସ ମଧ୍ୟ ଦିଆଯାଇଥିଲା। ତେବେ ଆଜି ଏ ଦିଗରେ କଡ଼ା ପଦକ୍ଷେପ ନେଇଛି ପ୍ରଶାସନ। ସ୍ଥାନୀୟ ମାଦିକୁନ୍ଦା ଛକଠାରୁ ଆରମ୍ଭ ହୋଇଛି ଜବରଦଖଲ ଉଚ୍ଛେଦ। ଫୁଲବାଣୀ ପୌରପରିଷଦ ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି, ଫିରିଙ୍ଗିଆ ତହସିଲଦାର ଜ୍ୟୋତି ପ୍ରକାଶ ସେଠି, ଫୁଲବାଣୀ ଅତିରିକ୍ତ ତହସିଲଦାର ସୋମକେଶ ନାୟକ, ଫୁଲବାଣୀ ଆର୍‌ଆଇ ରାଜେନ୍ଦ୍ର ଷଡ଼ଙ୍ଗୀ ଏବଂ ପୁଲିସ ପ୍ରଶାସନର ଉପସ୍ଥିତିରେ ମାଦିକୁନ୍ଦା ଛକ ଠାରୁ ଉଚ୍ଛେଦ ଆରମ୍ଭ ହୋଇଛି। ଏହା ପେଞ୍ଜିସାହି ଛକ ପର୍ଯ୍ୟନ୍ତ ଉଚ୍ଛେଦ ପ୍ରକ୍ରିୟା ଜାରୀ ରହିବ। ତେବେ ଉଚ୍ଛେଦ ପ୍ରକ୍ରିୟା ଶାନ୍ତି ଶୃଙ୍ଖଳାର ସହିତ ହୋଇଛି। ସ୍ଥାନୀୟ ବାସିନ୍ଦା ଓ ଦୋକାନୀମାନେ ସହଯୋଗ କରିଥିବା ଦେଖିବାକୁ ମିଳିଛି।



# କୁକୁର କାମୁଡ଼ାରେ ୧୫ରୁ ଊର୍ଦ୍ଧ୍ୱ ଆହତ

ରାଇକିଆ,୬।୩(ସମିସ): ରାଇକିଆ ସହରର ବିଭିନ୍ନ ସ୍ଥାନରେ କୁକୁର କାମୁଡ଼ାରେ ଶୁକ୍ରବାର ୧୫ ଜଣ ଆହତ ହୋଇଛନ୍ତି। ଏହାକୁ ନେଇ ଅଞ୍ଚଳରେ ଆତଙ୍କ ଦେଖାଦେଇଛି। ଆହତଙ୍କ ମଧ୍ୟରେ ଏକାଧିକ ଶିଶୁ ଓ ମହିଳା ରହିଛନ୍ତି। ଏଥିମଧ୍ୟରୁ ଅଧିକାଂଶଙ୍କୁ ଏକ କଳା ରଙ୍ଗର କୁକୁର କାମୁଡ଼ି ଥିବା କହିଛନ୍ତି। ସମସ୍ତ ଆହତ ଚିକିତ୍ସା ପାଇଁ ରାଇକିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ବେଳେ ଚିକିତ୍ସା ପାଇଁ ଯଥେଷ୍ଟ ଇଞ୍ଜେକସନ ମହଜୁଦ ରହିଥିବା ଏବଂ ବୁଲା କୁକୁର, ଅଜଣା କୁକୁର ଠାରୁ ଦୂରେଇ ରହିବା ସହ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ମେଡ଼ିକାଲ ଇନ୍‌ଚାର୍ଜ ଶ୍ରୀନିବାସ ପାତ୍ର ପରାମର୍ଶ ଦେଇଛନ୍ତି।

# ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ




ଜି.ଉଦୟଗିରି/ଟିକାବାଲି,୬।୩(ସମିସ): ଟିକାବାଲି ଏଏମସିଏସ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଟିକାବାଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଲୀପ କହଁର ଯୋଗ ଦେଇ ଛାତ୍ରୀମାନେ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ରହିଲେ କାହାରିକୁ ଭୟ କରିବେ ନାହିଁ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସ୍ୱାତୀ ସ୍ୱେଚ୍ଛାସେବୀ ସଂଗଠନର ସମ୍ପାଦିକା ସୁସ୍ମିତା ଜେନା, ସମ୍ମାନିତ ଅତିଥିଭାବେ ଟିକାବାଲି ଥାନା ଏଏସ୍‌ଆଇ ଶିବରାମ ବିଶୋଇ ଓ ଅଧ୍ୟାପକ ନରେନ୍ଦ୍ର ଦିଗାଲ ଯୋଗ ଦେଇଥିଲେ। ମାଷ୍ଟର ଟ୍ରେନର ପିଜି ଛାତ୍ରୀ ଜ୍ୟୋତିର୍ମୟୀ ପ୍ରଧାନ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଖେଇଥିଲେ। ଶିବିରରେ ଆଠ ଦିନ ଧରି ସ୍ନାତକ ପ୍ରଥମ ବର୍ଷର ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ଅଧ୍ୟାପିକା ସ୍ମୃତିରେଖା ନାୟକ ଏହି ଶିବିର ପରିଚାଳନା କରୁଛନ୍ତି ଏବଂ ଅଧ୍ୟାପିକା ନିବେଦିତା ଭୋଇ, ଅଧ୍ୟାପିକା ମୀରାମ୍ବିକା, ଅଙ୍କିତା ପ୍ରିୟଦର୍ଶିନୀ ଅଧ୍ୟାପକ ବିରୁପାକ୍ଷ ତ୍ରିପାଠୀ, ଅମୂଲ୍ୟ ସାବତ, ରତନ କୁମାର ଦିଗାଲ, ଭଞ୍ଜ କିଶୋର ସାହୁ ସହଯୋଗ କରୁଥିବା ଜଣାଯାଇଛି।

● ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ

# 'ସଶକ୍ତ ରାଷ୍ଟ୍ର ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'



ପାରଳାଖେମୁଣ୍ଡି,୬ ।୩ (ସମିସ): ଓଡ଼ିଶା ସରକାରଙ୍କର କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆଜି ଠାରୁ ୮ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଅନ୍ତର୍ଜାତୀୟ ମହିଳା ଦିବସ ସ୍ଥାନୀୟ ବୃନ୍ଦାବନ ପ୍ୟାଲେସରେ ପାଳନ କରାଯାଉଛି। ଜିଲ୍ଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ଆଜି ପ୍ରଥମ ଦିବସରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗ, ସମ୍ମାନିତ ଅତିଥି ଭାବରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ, ସହକାରୀ ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡ଼ା ଅଧିକାରୀ ତ୍ରିନାଥ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଓ ଯୋଗଗୁରୁ ଆଶାଲତା ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଏହି ଅବସରରେ ମହିଳାଙ୍କ ସ୍ୱପ୍ନ, ସଫଳତା ଏବଂ ସ୍ୱାଭିମାନ ଉତ୍ସ ସହିତ ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର ଗଠନ କରିବାରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସମସ୍ତ ଅତିଥି କହିଥିଲେ। ସେହିପରି ଆଜିର ଦିବସରେ ଯୋଗ କାର୍ଯ୍ୟକ୍ରମ ସହ ଆରୋବିକ, ଜୁମ୍ବା ନାଚ ଏବଂ ଅନ୍ୟାନ୍ୟ କ୍ରୀଡ଼ା ଆୟୋଜନ,ଆତ୍ମରକ୍ଷା ତାଲିମ ଇତ୍ୟାଦି ଦିଆଯାଇଥିଲା। ସ୍ଥିତ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ସ୍ୱଚ୍ଛସାଥୀ, ମହିଳା ସଂଗଠନ, ସ୍ୱେଚ୍ଛାସେବୀ, ଅଙ୍ଗନବାଡି କର୍ମୀ ଏଥିରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ବହୁ ସଂଖ୍ୟାରେ ଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ଉପସ୍ଥିତ ଥିଲେ।

### ବିଭିନ୍ନ ସ୍ଥାନରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୟନ୍ତୀ

# 'ଲୋକଙ୍କ ସେବା କରିବା ହିଁ ବିଜୁବାବୁଙ୍କ ପ୍ରତି ଯଥାର୍ଥ ଶ୍ରଦ୍ଧାଞ୍ଜଳି'








ପାରଳାଖେମୁଣ୍ଡି,୬।୩(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାରଳାଖେମୁଣ୍ଡିରେ ପାଳିତ ହୋଇଯାଇଛି। ଜିଲ୍ଲା ବିଜେଡି ପକ୍ଷରୁ ଶତାଧିକ ବିଜୁ ପ୍ରେମୀ, ନେତା ଓ କର୍ମୀ କଲେଜ ଛକ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଏହି ମହାନ ଜନନାୟକଙ୍କ ସ୍ମୃତିଚାରଣ କରିଥିଲେ। ପରେ ଜିଲ୍ଲା ବିଜେଡି କାର୍ଯ୍ୟାଳୟ ପରିସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ଓଡ଼ିଶାର ଉନ୍ନତି ନିମନ୍ତେ ତାଙ୍କ ଅବଦାନର ସମସ୍ତ ସ୍ମୃତିକୁ ମନେ ପକାଇଥିଲେ। ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ସୁପୁତ୍ର ଓ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ବିକାଶ କ୍ଷେତ୍ରରେ ବହୁ ଆଗକୁ ନେଇଥିଲେ। ଲୋକଙ୍କ ସମସ୍ୟାର ସମାଧାନ କରି ସେମାନଙ୍କ ସେବା କରିବା ହିଁ ବିଜୁବାବୁଙ୍କ ପ୍ରତି ଯଥାର୍ଥ ଶ୍ରଦ୍ଧାଞ୍ଜଳି ବୋଲି ମତ ପ୍ରକାଶ ପାଇଥିଲା। ଏହାପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାୟକଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେଡି ମହିଳା ସଭାପତି ସଂଯୁକ୍ତା ବେହେରା, ପାରଳାଖେମୁଣ୍ଡିର ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ବରିଷ୍ଠ ବିଜେଡି ନେତା ଭିଏସଏନ୍ ରାଜୁ, ଲକ୍ଷ୍ମୀକାନ୍ତ ପରିଚ୍ଛା, ଜିଲ୍ଲାର ବିଭିନ୍ନ ବ୍ଲକର ଅଧ୍ୟକ୍ଷ/ଅଧ୍ୟକ୍ଷା, ବିଜୁ ଛାତ୍ର ଓ ଯୁବ ସଂଗଠନରେ ସଭାପତିଙ୍କ ସମେତ ବହୁ ବରିଷ୍ଠ ନେତା ଓ କର୍ମୀ ଯୋଗଦାନ କରିଥିଲେ।

**ରାଇକିଆ:** ରାଇକିଆ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମସ୍ତ କର୍ମୀ ବିଜୁ ବାବୁଙ୍କ ଫଟୋରେ ପୁଷ୍ପାମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବ୍ଲକ ସଭାପତି ଦେବୀପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଜୁ ଜୟନ୍ତି ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ କର୍ମୀ କିଶୋର ଦିଗାଲ, ସରପଞ୍ଚ ଅକ୍ଷୟ ପ୍ରଧାନ, ସରପଞ୍ଚ ରବି ନାୟକ, ସନ୍ତୋଷ ପରିଚ୍ଛା, ସୁଶିଲ ଦିଗାଲ, ରୋଶନ ନାୟକ, ସୁଶୀଲ ପ୍ରଧାନ, ନାଗାର୍ଜୁନ ଦିଗାଲ, ସମିତିସଭ୍ୟ ପ୍ରଦୀପ କୁମାର ପ୍ରଧାନ ବିଜୁ ପଟ୍ଟନାୟକଙ୍କ ଜୀବନୀ ଓ ଐତିହାସିକ କାର୍ଯ୍ୟଗୁଡ଼ିକ ସହ ବ୍ୟକ୍ତିତ୍ୱ ଉପରେ ଅଭିଭାଷଣମାନ ପ୍ରଦାନ କରିବା ସହିତ ଦଳୀୟ ସଂଗଠନ ଦୃଢ଼ କରିବାକୁ ମତାମତ ଦେଇଥିଲେ। ମିଥୁନ ଦିଗାଲ ଓ ବ୍ଲେସନ ଦିଗାଲ ଆୟୋଜନରେ ସହଯୋଗ କରିଥିଲା ବେଳେ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

**ବାଲିଗୁଡ଼ା:** ବାଲିଗୁଡା ନିର୍ବାଚନମଣ୍ଡଳୀର ମହାସିଙ୍ଗ ଠାରେ ବିଜୁବାବୁଙ୍କ ୧୧୦ ତମ ଜନ୍ମଜୟନ୍ତୀ ଉତ୍ସବ ପାଳନ ହୋଇଛି। ସକାଳେ ପ୍ରଥମେ ବାଲିଗୁଡା ସହରର ବିଜୁ ଫୁଡ୍ କୋର୍ଟରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ମହାସିଙ୍ଗର ଫାର୍ମହାଉସ୍ ସ୍ଥିତ ବାଲିଗୁଡ଼ା ବିଧାନସଭାମଣ୍ଡଳୀ ବିଜେଡି କାର୍ଯ୍ୟାଳୟ ଠାରେ ବିଜୁବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଓ ସ୍ମୃତିଚାରଣ ଅର୍ପଣ କରାଯାଇ ସାଧାରଣ ସଭା ଆୟୋଜନ କରାଯାଇଥିଲା। ବିଗତ ଦିନରେ ବିଜୁବାବୁଙ୍କ ଆଦର୍ଶରେ ଚାଲିଥିବା ବିଜେଡି ସରକାରଙ୍କ ସୁଶାସନ ଏବଂ ବିଜୁ ବାବୁଙ୍କୁ ସମ୍ପର୍କରେ ବାଲିଗୁଡା ବିଧାନସଭାମଣ୍ଡଳୀର ଟାଣୁଆ ବରିଷ୍ଠ ନେତା ଟୁନା ଦାସ ଅଭିଭାଷଣ ରଖିବା ସହିତ ବର୍ତ୍ତମାନ ଶାସକ ଦଳ ଯେଉଁ ଭଳି ଭାବରେ ଶାସନ କରୁଛନ୍ତି ତାକୁ ନେଇ ବିରୋଧରେ କହିଥିଲେ। ଆଗାମୀ ଦିନରେ ଲୋକଙ୍କ ନ୍ୟାୟ ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲିକ, ତୁମୁଡିବନ୍ଧ ସଭାପତି ପ୍ରମୋଦ ସାହୁ, ନଗର ସଭାପତି ସେକ୍ ସାବେଜ, ବାଲିଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଗୋବିନ୍ଦ ପ୍ରଧାନ, ବିଜ୍ଞାପିତ ଅଞ୍ଚଳ ପରିଷଦ ପୂର୍ବତନ ଭାଇସ ଚେୟାରମ୍ୟାନ ଲୋକନାଥ ପାଢୀଙ୍କ ସମେତ କ.ନୁଆଗାଁ ନେତୃମଣ୍ଡଳ ଓ ବିଭିନ୍ନ ବ୍ଲକ୍ ତୃଣମୂଳ ସ୍ତରର ସାତ ଶହରୁ ଊର୍ଦ୍ଧ୍ୱ ନେତା ଓ କର୍ମୀ ଉପସ୍ଥିତ ଥିଲେ।

ଜି.ଉଦୟଗିରି,୫ ।୩(ସମିସ): ଜି.ଉଦୟଗିରି ଏନ୍‌ଏସି ଓ ବ୍ଲକ ବିଜେଡି ପକ୍ଷରୁ ସ୍ଥାନୀୟ ବଡ଼ସାହି ସ୍ଥିତ ପରିଚୟ ଗୃହରେ ବିଜୁ ଜୟନ୍ତୀ ପାଳିତ ହୋଇଛି। ସର୍ବପ୍ରଥମେ ବିଜୁବାବୁଙ୍କ ତୈଳ ଫଟୋ ଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଦଳୀୟ କର୍ମକର୍ତ୍ତା। ଏହି ଅବସରରେ ନୂତନ ଭାବେ ମନୋନୀତ ବିଜେଡି ଜିଲ୍ଲା ଉପସଭାପତି ପି.ସଞ୍ଜୀବ କୁମାର ପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ସମୀର କୁମାର ପାଢ଼ୀ, ଜିଲ୍ଲା ସମ୍ପାଦକ ଗୋପାଳ କୃଷ୍ଣ ମହାପାତ୍ର, ଜି.ଉଦୟଗିରି ବ୍ଲକ ସଭାପତି ଲିଙ୍ଗରାଜ କହଁର, ନଗର ସଭାପତି ଅନିଲ କୁମାର ଦଳବେହେରାଙ୍କୁ ଦଳୀୟ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ତାପରେ ବିଜୁ ବାବୁଙ୍କ ଦୁଃସାହସିକ ସଂଗ୍ରାମର କଥା ଓ ଓଡ଼ିଶା ପ୍ରତି ଅବଦାନ ସମ୍ପର୍କରେ ଉପସ୍ଥିତ କର୍ମକର୍ତ୍ତା ଆଲୋକପାତ କରିଥିଲେ। ଆଗାମୀ ସାଧାରଣ ପଞ୍ଚାୟତ ଏବଂ ଏନ୍‌ଏସି ନିର୍ବାଚନରେ ତୃଣମୂଳସ୍ତରରୁ କିପରି ଦଳକୁ ମଜଭୁତ କରାଯିବା ସହିତ ଦଳ ବିଜୟୀ ହେବ ସେହିଭଳି ସଂଗଠିତ ଭାବେ ନିର୍ବାଚନ ଲଢ଼ିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି କର୍ମୀ କାଳୁଚରଣ ପଣ୍ଡା, ଜାଲିନା ପ୍ରିୟଦର୍ଶିନୀ, କୃତାଞ୍ଜଳି ନାୟକ,ଏନଏସି ଉପାଧ୍ୟକ୍ଷ ସନ୍ତୋଷ ବାଘ, କାଉନସିଲର ସିଦ୍ଧେଶ୍ୱରୀ ନାୟକ, ଲକ୍ଷ୍ମୀପ୍ରିୟା ପରିଚ୍ଛା,ମୋନାଲିସା ଦଳବେହେରା, ନନ୍ଦିତା ପ୍ରଧାନ, ଲିପିକା ପ୍ରଧାନ, ଦୀପକ ନାୟକ, ବ୍ରହ୍ମାନନ୍ଦ ସାହୁ ତ୍ରିଶୀଳା ପ୍ରଧାନ, ମହମ୍ମଦ ଆଲମାସ, ସୁଭାଷ ଶତପଥୀ, ଓ ପିଲୁ ନାୟକଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।



